# ଚୋରୀ ବସ୍ତୁ

ସ୍କାଏଲାଇଟ କାଚ
ଜହ୍ନରାତି
ଧଡପଡ କରେ ଛାତି ॥୧

ସାଉଁଟା ପ୍ରେମକୁ ଶୁଣେ
ଅତୀତ ଝୁରେ
ବର୍ତ୍ତମାନ ପିଟେ
ଭବିଷ୍ୟତ କାନ୍ଦେ
ଠିଆହୁଏ, ପଚାରେ
କିଏ ଡହକୁଛି ?
ନାରୀ ବା' ପୁରୁଷ
ଯୋଗୀ ବା ଭୋଗୀ ॥୨

ପାଏ ଉତ୍ତର
କେହି ନୁହଁ
କେବଳ ଏକ
ଆତ୍ମ ଭ୍ରମ
ଦମ୍ଭମାରେ, ଖୋଜେ
ଚିନ୍ତା ଛୁଏଁ
ହଜିଥିବା ବସ୍ତୁ
ହୃଦୟ ନୁହଁ
ଭାବନାର ଆବେଗ
ଚେତନାର ଅନ୍ୟପାର୍ଶ୍ୱ
ଯାହା ମାଟିଲୁଚା କଣ୍ଢା
ଅଜଣା, ଛପାସତ ॥୩

ଏଇନେ ସବୁଠିକ୍
ଆଗଭଳି ବାହାରଟା
ଜହ୍ନରାତି, ତାତି

ଘର ସେମିତି ଠିଆ
ଭିତରେ ଅନ୍ଧାର
ଆଉ ବିଫଳତାରୁ
ଜନ୍ମିତ ମୋ
ନୂଆ ସ୍ୱପ୍ନ ।।୪

ଦିଗମ୍ବର ପାତ୍ର